# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 16 Morning – 2024

## ନିର୍ବାଚନ ତାରିଖ ଘୋଷଣା

ଚଳିତବର୍ଷ ସାଧାରଣ ନିର୍ବାଚନ ୨୦୨୪ ନିମନ୍ତେ ଆଜି ଅପରାହ୍ଣ ୩ଟାରେ ଭାରତର ନିର୍ବାଚନ କମିଶନ ତାରିଖ ଘୋଷଣା କରିବେ। ତାରିଖ ଘୋଷଣା ହେବା ସହ ଆଦର୍ଶ ଆଚରଣ ବିଧି ମଧ୍ୟ ଲାଗୁ ହେବ। ଏଥିରେ ଲୋକସଭା ସହିତ  କେତୋଟି ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ହେବ ବୋଲି କମିଶନଙ୍କ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ସୂଚନା ଦିଆଯାଇଛି।

ସୂଚନା ଅନୁସାରେ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଅରୁଣାଚଳ ପ୍ରଦେଶ, ସିକ୍କିମ୍‌ରେ ସାଧାରଣ ନିର୍ବାଚନ ସହିତ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ଅଛି।

## ନିର୍ବାଚନ ବଣ୍ଡ୍

ଇଲେକ୍‌ଟ୍ରୋରାଲ୍ ବଣ୍ଡ୍ ସଂପର୍କରେ ସଂପୂର୍ଣ୍ଣ ତଥ୍ୟ ଦେବା ଲାଗି ଭାରତୀୟ ଷ୍ଟେଟ୍‌ବ୍ୟାଙ୍କକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ବଣ୍ଡ ସଂପର୍କିତ ସବିଶେଷ ତଥ୍ୟ ଷ୍ଟେଟ୍‌ବ୍ୟାଙ୍କ ଭାରତର ନିର୍ବାଚନ ଆୟୋଗଙ୍କୁ ଦେଇନଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆସନ୍ତା ସୋମବାର ପୂର୍ବରୁ ନିର୍ବାଚନ ବଣ୍ଡ୍ ସମ୍ବନ୍ଧୀୟ

ସବିଶେଷ ତଥ୍ୟ ଦେବା ପାଇଁ କୋର୍ଟ କହିଛନ୍ତି । ଆସନ୍ତା ସୋମବାର ଦିନ ନିର୍ବାଚନ ବଣ୍ଡ ସଂପର୍କିତ ମାମଲାର ଶୁଣାଣି ହେବ । ଶୁଣାଣି ପୂର୍ବରୁ ସବିଶେଷ ତଥ୍ୟ ଦାଖଲ କରିବା ପାଇଁ ଏସ୍‌ବିଆଇକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି ।

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ପୂର୍ବାହ୍ନରେ ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହେବ । ଏହି ବୈଠକରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । ଆଦର୍ଶ ଆଚରଣ ବିଧି ଲାଗୁ ପୂର୍ବରୁ ଏହା ଶେଷ କ୍ୟାବିନେଟ୍ ବୈଠକ ହୋଇଥିବାରୁ ଏହା ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି ।

## ରେଳ ପ୍ରକଳ୍ପ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ୨ଟି ନୂଆ ରେଳ ପ୍ରକଳ୍ପ ସଂପର୍କରେ ଘୋଷଣା କରିଛନ୍ତି । ଜଳେଶ୍ୱର-ଚନ୍ଦନେଶ୍ୱର ମଧ୍ୟରେ ୪୨ କିଲୋମିଟର ରେଳ ଲାଇନ୍ ଏବଂ ନରସିଂହପୁର-କଣ୍ଟିଲୋ-ଖଣ୍ଡପଡ଼ା ମଧ୍ୟ ଦେଇ ଅନୁଗୁଳ-ନୟାଗଡ଼ ଟାଉନ୍ ମଧ୍ୟରେ ନୂଆ ଲାଇନ୍ ଏବଂ ଖୋର୍ଦ୍ଧା ଟାଉନ୍-କାଇପଦର ମଧ୍ୟରେ କର୍ଡ୍ ଲାଇନ୍ ୧୨୦ କିଲୋମିଟର ରହିଛି । ଏ ସଂପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ଦୀଘା-ଜଳେଶ୍ୱର ପ୍ରକଳ୍ପ ଫାଷ୍ଟଟ୍ରାକ୍ ଆଧାରରେ ନିର୍ମାଣ କରାଯିବ । ଏଥିପାଇଁ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଖୁବ୍ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ନିର୍ମାଣ ଶ୍ରମିକ-ଇଏସ୍ଆଇ

କୋଠାବାଡ଼ି ନିର୍ମାଣରେ ନିୟୋଜିତ ଶ୍ରମିକ ମାନଙ୍କର ସୁରକ୍ଷା ଓ ନିରାପତ୍ତାକୁ ଦୃଷ୍ଟିରେ ରଖି **ରେରା** ପକ୍ଷରୁ ଗତକାଲି ନିର୍ଦ୍ଦେଶନାମା ଜାରି କରାଯାଇଛି । ଯେଉଁ ବିଲ୍ଡର ଓ ପ୍ରମୋଟରମାନଙ୍କ ଅଧୀନରେ ୧୦ଜଣ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକ କାର୍ଯ୍ୟ କରୁଥିବେ, ସେମାନଙ୍କୁ ଇଏସ୍ଆଇ ଆଇନ ଅନୁସାରେ ସମସ୍ତ ସୁବିଧା ସୁଯୋଗ ପ୍ରଦାନ କରିବା ଲାଗି ରେରା କର୍ତ୍ତୃପକ୍ଷ ନିର୍ଦ୍ଦେଶ ଦେଇଛନ୍ତି । ଏହି ବାବଦରେ କୋଠାବାଡ଼ି ନିର୍ମାଣକାରୀ ସଂଘର ସଚିବଙ୍କୁ ରେରା ପକ୍ଷରୁ ପତ୍ର ଲେଖି ଜଣାଇ ଦିଆଯାଇଛି ।

## ଅଣଶିକ୍ଷକ ପଦ

ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ୪ଟି ବିଶ୍ୱବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟର ସୁପରିଚାଳନା ପାଇଁ ୨୪୧ଟି ଅଣଶିକ୍ଷକ ପଦ ସୃଷ୍ଟି କରାଯାଇଛି ।

ରାଜ୍ୟ ସରକାରଙ୍କର ବିଜ୍ଞପ୍ତି ଅନୁସାରେ ବଲାଙ୍ଗୀର ଜିଲ୍ଲା ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରେ ୯୨ଟି ଅଣଶିକ୍ଷକ ପଦ, କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ୨୩ଟି, କେନ୍ଦୁଝରର ଧରଣୀଧର ବିଶ୍ୱବିଦ୍ୟାଳୟରେ ୬୩ଟି ଏବଂ କୋରାପୁଟ ଜିଲ୍ଲାର ଜୟପୁର ବିକ୍ରମଦେବ ବିଶ୍ୱବିଦ୍ୟାଳୟ ପାଇଁ ୬୩ଟି ଅଣଶିକ୍ଷକ ପଦ ସୃଷ୍ଟି କରାଯାଇଛି ।

# ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତା

ଓଡ଼ିଶାର ଯୁବପିଢ଼ିଙ୍କ ଭିତରେ ଥିବା ଦକ୍ଷତାକୁ ବିଶ୍ୱସ୍ତରୀୟ କରିବା ପାଇଁ ଓଡ଼ିଶା ସ୍କିଲ୍ସ ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯାଉଛି । ରାଜ୍ୟ ସରକାରଙ୍କର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୨୦୨୩-୨୪ ବର୍ଷ ପାଇଁ ୧୩୫ ଜଣ କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶା ସ୍କିଲ୍ସ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସରକାରୀ ଓ ଘରୋଇ ଆଇଟିଆଇ, ପଲିଟେକ୍‌ନିକ୍ ଏବଂ ବିଭିନ୍ନ ଦକ୍ଷତା ବିକାଶ ତାଲିମ ଅନୁଷ୍ଠାନରୁ ଆସିଥିବା ୮୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ୬ଟି କ୍ଷେତ୍ରରେ ହୋଇଥିବା ୪୫ଟି ଦକ୍ଷତା କାର୍ଯ୍ୟକ୍ରମରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ ।

## ବନ୍ୟପ୍ରାଣୀଙ୍କ ସହ ସେଲ୍ଫି ମନା

ସାମାଜିକ ଗଣମାଧମରେ ବନ୍ୟପ୍ରାଣୀଙ୍କ ସହ ଫଟୋ କିମ୍ବା ସେଲ୍ଫି ଉଠାଇ ପୋଷ୍ଟ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ୍ୟପ୍ରାଣୀ ପିସିସିଏଫ୍ କହିଛନ୍ତି। ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ସେମାନଙ୍କୁ ୭ ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଭୋଗିବାକୁ ପଡିବ ବୋଲି ସେ କହିଛନ୍ତି।

ଏନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ରାଜ୍ୟର ସମସ୍ତ DFOଙ୍କ ସହ ନନ୍ଦନକାନନ ଓ ଶିମିଳିପାଳ ନିର୍ଦ୍ଦେଶକଙ୍କୁ ଚିଠି ଲେଖାଯାଇଛି।

# ପାଣିପାଗ

ରାଜ୍ୟରେ ବର୍ତ୍ତମାନ ତାତି ଓ କାଳବୈଶାଖୀର ମିଶ୍ରିତ ପ୍ରଭାବ ଜାରି ରହିଛି। ଆଜିଠାରୁ ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ରାଜ୍ୟର ଉପକୂଳ ଏବଂ ଆଭ୍ୟନ୍ତରୀଣ ସ୍ଥାନ ଗୁଡ଼ିକରେ କାଳ ବୈଶାଖୀର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଗତ ୩୬ ଘଣ୍ଟା ମଧ୍ୟରେ ବାଲେଶ୍ୱର, ଚାନ୍ଦବାଲି, କଟକ, ଭୁବନେଶ୍ୱର, ବାରିପଦା, ନୟାଗଡ଼, ଭଦ୍ରକ, ଯାଜପୁର ଏବଂ ଖୋର୍ଦ୍ଧାରେ ବଜ୍ରପାତ ସହିତ ସାମାନ୍ୟ ବର୍ଷା ହୋଇଛି । ମେଘୁଆ ପାଗ ଯୋଗୁଁ ଦିନ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ବୌଦ୍ଧରେ ଗତକାଲି ସର୍ବାଧିକ ତାପମାତ୍ରା ୩୯ ଦଶମିକ ୫ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା । ସେହିପରି ମାଲକାନଗିରି, ଟିଟିଲାଗଡ଼, ଝାରସୁଗୁଡ଼ା ସହିତ ଆଉ କେତେକ ସ୍ଥାନରେ ତାପମାତ୍ରା ୩୮ ଡିଗ୍ରୀରୁ ଅଧିକ ଥିଲା ।